# NATIONAL NEWS BULLETIN (ODIA)
## 25th December - 2024
## Evening Bulletin : 7.15 p.m.

*********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ଜିତେନ୍ଦ୍ର କୁମାର ନାୟକ**

## ମୁଖ୍ୟ ସମ୍ବାଦ

- ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତାକାଲି ନୂଆଦିଲ୍ଲୀରେ ପ୍ରଦାନ କରିବେ 'ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ବାଲ୍ ପୁରସ୍କାର' ।
- ମଧ୍ୟପ୍ରଦେଶରେ ଏକାଧିକ ବିକାଶମୂଳକ ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ କଲେ ପ୍ରଧାନମନ୍ତ୍ରୀ ।
- ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜାପେୟୀଙ୍କ ଜନ୍ମ ଶତବାର୍ଷିକୀ ଅବସରରେ ଦେଶ ପାଳନ କରୁଛି ସୁଶାସନ ଦିବସ ।

— ଅଟଳଜୀଙ୍କ ସୁଶାସନ ଦେଶକୁ ଉଚ୍ଚତର ଶିଖରରେ ପହଞ୍ଚାଇଥିଲା; କହିଲେ ପ୍ରତିରକ୍ଷା ମନ୍ତ୍ରୀ ।

- ଦଶ ହଜାରରୁ ଊର୍ଦ୍ଧ୍ୱ ବହୁମୁଖୀ ପ୍ରାଥମିକ କୃଷି ସମବାୟ ସମିତିକୁ ଦେଶ ଉଦ୍ଦେଶ୍ୟରେ ଉତ୍ସର୍ଗ କଲେ କେନ୍ଦ୍ର ସମବାୟ ମନ୍ତ୍ରୀ ।

ଏବଂ

- କାଜାଖସ୍ତାନରେ ଯାତ୍ରୀବାହୀ ବିମାନ ଦୁର୍ଘଟଣାଗ୍ରସ୍ତ; ୧୨ ମୃତ ।

## ପ୍ରେସିଡେଣ୍ଟ ବାଲ୍ ପୁରସ୍କାର

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତାକାଲି ନୂଆଦିଲ୍ଲୀରେ ୭ଟି ବର୍ଗରେ ଅନନ୍ୟ କୃତିତ୍ୱ ହାସଲ କରିଥିବା ୧୭ ଜଣ ଶିଶୁଙ୍କୁ ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ବାଲ୍ ପୁରସ୍କାର ପ୍ରଦାନ କରିବେ । କଳା, ସଂସ୍କୃତି, ସାହସିକତା, ନବସୃଜନ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା, ସାମାଜିକ ସେବା, କ୍ରୀଡ଼ା ଏବଂ ପରିବେଶ କ୍ଷେତ୍ରରେ ସଫଳତା ହାସଲ କରିଥିବା ୧୪ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ଏହି ଶିଶୁମାନଙ୍କୁ ପୁରସ୍କାର ପ୍ରଦାନ କରାଯିବ । ପୁରସ୍କାର ଆକାରରେ ସେମାନଙ୍କୁ ପଦକ ଓ ପ୍ରମାଣପତ୍ର ଦିଆଯିବ । ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ଠାରେ ଆସନ୍ତାକାଲି ହେବାକୁ ଥିବା ବୀର ବାଲ୍ ଦିବସ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅଂଶଗ୍ରହଣ କରିବାର କାର୍ଯ୍ୟସୂଚୀ ରହିଛି । ଶିଶୁମାନଙ୍କୁ ସମ୍ମାନ ପ୍ରଦାନ ଅବସରରେ ଆସନ୍ତାକାଲି ଦେଶବ୍ୟାପୀ ବୀର ବାଲ୍ ଦିବସ ଆୟୋଜନ କରାଯାଉଛି । ପ୍ରଧାନମନ୍ତ୍ରୀ ଏହି କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେବେ । ଏହି ଅବସରରେ ପ୍ରଧାନମନ୍ତ୍ରୀ 'ସୁପୋଷିତ ଗ୍ରାମ ପଞ୍ଚାୟତ' ଅଭିଯାନର ଶୁଭାରମ୍ଭ କରିବେ । ଦେଶରେ ପୁଷ୍ଟିସାଧନ ଜନିତ ସେବା କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରିବା ଲକ୍ଷ୍ୟ ନେଇ ଏହି ଅଭିଯାନ ଆରମ୍ଭ କରାଯାଇଛି । ଯୁବାବର୍ଗଙ୍କ ମନରେ ସଚେତନତା ସୃଷ୍ଟି କରିବା ଏବଂ

ଦେଶବ୍ୟାପୀ ଉତ୍ସର୍ଗୀକୃତ ମନୋଭାବକୁ ଜାଗ୍ରତ କରିବା ନିମନ୍ତେ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯିବା ଏହି ଦିବସର ଲକ୍ଷ୍ୟ ରହିଛି । କାର୍ଯ୍ୟକ୍ରମକୁ ସଫଳ କରିବା ନିମନ୍ତେ କୁଇଜ୍ ସମେତ ବିଭିନ୍ନ ପ୍ରତିଯୋଗିତା, ମାଇଁ ଗଭ୍ ଏବଂ ମାଇଁ ଭାରତ ପୋର୍ଟାଲ୍ ଜରିଆରେ ଅନୁଷ୍ଠିତ ହେବ । ସେହିପରି ବିଦ୍ୟାଳୟ, ଅଙ୍ଗନୱାଡ଼ି କେନ୍ଦ୍ର, ଶିଶୁ ଯତ୍ନ ସଂସ୍ଥାନଗୁଡ଼ିକରେ ଗଳ୍ପକଥନ, ସୃଜନାତ୍ମକ ଲେଖା, ପୋଷ୍ଟର ତିଆରି ଆଦି ପ୍ରତିଯୋଗିତାମାନ ଅନୁଷ୍ଠିତ ହେବ ।

## ପି.ଏମ୍. - ଏମ୍.ପି.

ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମ ଶତବାର୍ଷିକୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ମଧ୍ୟପ୍ରଦେଶ ଗସ୍ତ କରି ଖଜୁରାହୋ ଠାରେ ଏକାଧିକ ବିକାଶମୂଳକ ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ କରିଛନ୍ତି । ଶ୍ରୀ ମୋଦୀ ଏହି ଅବସରରେ ଦେଶର ପ୍ରଥମ ଆନ୍ତଃ ନଦୀ ସଂଯୋଗୀକରଣ ଜାତୀୟ ପ୍ରକଳ୍ପ ଅଧୀନରେ ଦେଶର ପ୍ରଥମ ମହତ୍ୱାକାଂକ୍ଷୀ ତଥା ବହୁମୁଖୀ କେନ୍ ଓ ବେଟୱା ନଦୀ ସଂଯୋଗ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି । ଏହି ପ୍ରକଳ୍ପ ମାଧ୍ୟମରେ ମଧ୍ୟପ୍ରଦେଶର ବିଭିନ୍ନ ଜିଲ୍ଲାରେ ଥିବା ୮ ଲକ୍ଷ ହେକ୍ଟରରୁ ଊର୍ଦ୍ଧ୍ୱ ପରିମିତ ଚାଷ ଜମିକୁ ଜଳସେଚିତ କରାଯାଇପାରିବ । ଏଥିସହିତ ରାଜ୍ୟର ୧୦ଟି ଜିଲ୍ଲାରେ ପ୍ରାୟ ୪୪ ଲକ୍ଷ

ଲୋକଙ୍କୁ ପାନୀୟ ଜଳ ଯୋଗାଇ ଦିଆଯାଇପାରିବ । ସଂପୃକ୍ତ ଜିଲ୍ଲାର ୭ ଲକ୍ଷରୁ ଊର୍ଦ୍ଧ୍ୱ ଚାଷୀ ପରିବାର ଏହାଦ୍ୱାରା ଉପକୃତ ହୋଇପାରିବେ । ଏତଦ୍‌ବ୍ୟତୀତ ଏହି ପ୍ରକଳ୍ପ ମାଧ୍ୟମରେ ୧୦୩ ମେଗାୱାଟ୍ ଜଳବିଦ୍ୟୁତ୍ ଓ ୨୭ ମେଗାୱାଟ୍ ସୌରଶକ୍ତି ଉତ୍ପାଦନ ହୋଇପାରିବ ।

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଦେଶର ପ୍ରଥମ ଓମ୍‌କାରେଶ୍ୱର ଭାସମାନ ସୌରପ୍ରକଳ୍ପର ଉଦ୍‌ଘାଟନ କରିବା ସହ ୧ ହଜାର ୧୫୩ ଅଟଳ ଗ୍ରାମ ସୁଶାସନ ଅଟ୍ଟାଳିକା ଲାଗି ଶିଳାନ୍ୟାସ କରିଛନ୍ତି । ଏହି ଅବସରରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ କହିଛନ୍ତି, ବି.ଜେ.ପି. ନିମନ୍ତେ ସୁଶାସନ କେବଳ ଗୋଟିଏ ଦିନର କାର୍ଯ୍ୟକ୍ରମ ନୁହେଁ; ବରଂ ଏହା ତାଙ୍କ ସରକାରଙ୍କ ପରିଚୟ । ଅନ୍ୟ ଦଳ ସହ ତୁଳନା କରି ଶ୍ରୀ ମୋଦି କହିଛନ୍ତି, ବି.ଜେ.ପି. ସରକାର’ ସୁଶାସନ ଏବଂ ଜନସାଧାରଣଙ୍କୁ ଉତ୍ସର୍ଗୀକୃତ ସେବା ଯୋଗାଇଦେବା ନିମନ୍ତେ କଠୋର ପରିଶ୍ରମ କରିଥାଏ । ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ସ୍ମୃତିଚାରଣ କରି ଶ୍ରୀ ମୋଦି କହିଛନ୍ତି, ଅଟଳଜୀଙ୍କ ସୁଶାସନ ବ୍ୟବସ୍ଥା ଏବଂ ଉନ୍ନତ ସେବା ପ୍ରଦାନ କାର୍ଯ୍ୟ’ ସର୍ବଦା ସମସ୍ତଙ୍କୁ ପ୍ରୋତ୍ସାହନ ଯୋଗାଇ ଥାଏ ।

ଏହି ସମାରୋହରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ’ ଅଟଳ ବିହାରୀ ବାଜପେୟୀଙ୍କ  ଜନ୍ମ ଶତବାର୍ଷିକୀ ଅବସରରେ ସ୍ମାରକୀ ଡାକ ଟିକଟ ଓ ମୁଦ୍ରା ଉନ୍ମୋଚନ କରିଛନ୍ତି ।

## ଏନ୍.ଡି.ଏ. ଲିଡର - ମିଟିଂ

କେନ୍ଦ୍ରମନ୍ତ୍ରୀ ତଥା ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କ ନୂଆଦିଲ୍ଲୀସ୍ଥିତ ବାସଭବନରେ ଆଜି ଏନ୍‌ଡିଏ ନେତାମାନଙ୍କର ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା, ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁ, ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମ ମୋହନ ନାଇଡୁ କିଞ୍ଜାରାପୁ, ଭାରୀଶିଳ୍ପ ମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀ, ପଞ୍ଚାୟତିରାଜ ମନ୍ତ୍ରୀ ରାଜୀବ ରଂଜନ ସିଂ, ସ୍ୱାସ୍ଥ୍ୟ ରାଷ୍ଟ୍ରମନ୍ତ୍ରୀ ଅନୁପ୍ରିୟା ପଟେଲ ପ୍ରମୁଖ ଯୋଗ ଦେଇଥିଲେ । ମେଣ୍ଟ ସହଯୋଗୀଙ୍କ ମଧ୍ୟରେ ସମନ୍ୱୟକୁ ସୁଦୃଢ଼ କରିବା ଲାଗି ଏହି ବୈଠକର ଆୟୋଜନ କରାଯାଇଥିଲା ।

## ସୁଶାସନ ଦିବସ

ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମ ଶତବାର୍ଷିକୀ ଆଜି ଦେଶବ୍ୟାପୀ ସୁଶାସନ ଦିବସ ରୂପେ ପାଳନ କରାଯାଉଛି । ନୂଆଦିଲ୍ଲୀ ସ୍ଥିତ ତାଙ୍କ ସମାଧି ସ୍ଥଳ 'ସଦୈବ ଅଟଳ' ନିକଟରେ ବହୁ

ମାନ୍ୟଗଣ୍ୟ ବ୍ୟକ୍ତି ପୁଷ୍ପାର୍ଘ୍ୟ ଅର୍ପଣ କରି ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି ।

## ରାଜନାଥ - ଗଭର୍ଣ୍ଣାନ୍ସ ଡେ

ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମ ଶତବାର୍ଷିକୀ ଅବସରରେ ଆଜି ଲକ୍ଷ୍ନୌ ଲୋକଭବନ ଠାରେ ସୁଶାସନ ଦିବସ ପାଳିତ ହୋଇଛି । ଏହି ଅବସରରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏବଂ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ବାଜପେୟୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ତାଙ୍କର ଜୀବନାଦର୍ଶର ସ୍ମୃତିଚାରଣ କରିଛନ୍ତି । ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି, ଅଟଳଜୀଙ୍କ ସୁଶାସନ ଦେଶକୁ ଉଚ୍ଚତର ଶିଖରରେ ପହଞ୍ଚାଇବାରେ ସହାୟକ ହୋଇଥିଲା । ତାଙ୍କ ଶାସନ କାଳରେ ଅଭିବୃଦ୍ଧି ହାର ୮ ଦଶମିକ ୪ ପ୍ରତିଶତରେ ପହଞ୍ଚିପାରିଥିଲା, ଯାହାକି ସ୍ୱାଧୀନ ଭାରତ ଇତିହାସର ଏକ ଐତିହାସିକ ସଫଳତା ବୋଲି ବିବେଚନା କରାଯାଏ । ଅଟଳଜୀଙ୍କ ନେତୃତ୍ୱରେ ପରିଚାଳିତ ଶାସନ ବ୍ୟବସ୍ଥା ସମଗ୍ର ବିଶ୍ୱରେ ପ୍ରଶଂସାଭାଜନ ହୋଇପାରିଥିଲା ବୋଲି ଶ୍ରୀ ସିଂହ କହିଛନ୍ତି । ଶ୍ରୀ ସିଂହ ସୁଶାସନର ସଂଜ୍ଞାକୁ ବ୍ୟାଖ୍ୟା କରି କହିଛନ୍ତି, ସୁଶାସନ ବ୍ୟବସ୍ଥା ହେଉଛି, ଯେଉଁଠାରେ ସାଧାରଣ ଜନତା ନିଜକୁ ସୁରକ୍ଷିତ ମନେ କରିଥାଏ ଏବଂ ମୁକ୍ତଭାବେ କହିବାର ସୁଯୋଗ ପାଇଥାଏ । ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳଜୀଙ୍କ ସୁଶାସନ

ଆଭିମୁଖ୍ୟକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କାର୍ଯ୍ୟକାରୀ କରୁଛନ୍ତି ବୋଲି ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି ।

## ରାଷ୍ଟ୍ରପର୍ବ ୱେବ୍‌ସାଇଟ୍

ସୁଶାସନ ଦିବସ ଅବସରରେ ପ୍ରତିରକ୍ଷା ସଚିବ ରାଜେଶ କୁମାର ସିଂ ନୂଆଦିଲ୍ଲୀଠାରେ ରାଷ୍ଟ୍ରପର୍ବ ୱେବ୍‌ସାଇଟ୍ ଓ ଏକ ଆପ୍ ର ଶୁଭାରମ୍ଭ କରିଛନ୍ତି । ଶ୍ରୀ ସିଂ କହିଛନ୍ତି ଏହି ୱେବ୍‌ସାଇଟ୍ ଜରିଆରେ ସାଧାରଣତନ୍ତ୍ର ଦିବସ, ସ୍ୱାଧୀନତା ଦିବସ, ଧ୍ୱଜାବତରଣ, ପ୍ରଜ୍ଞାପନ ମେଢ଼ ସଂକ୍ରାନ୍ତ ସବିଶେଷ ତଥ୍ୟ ଜନସାଧାରଣଙ୍କୁ ଯୋଗାଇ ଦିଆଯିବ । ଏଥିସହିତ ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ରମ ପାଇଁ ଟିକେଟ୍ ବୁକିଂ, ପାର୍କିଂ, ଆସନ ବ୍ୟବସ୍ଥା ସମ୍ବନ୍ଧୀୟ ସୂଚନା ମଧ୍ୟ ମିଳିପାରିବ ।

## ଜିତେନ୍ଦ୍ର ସିଂହ - ପଞ୍ଚାୟତ

କାର୍ମିକ, ସାଧାରଣ ଅଭିଯୋଗ ଏବଂ ପେନ୍‌ସନ୍ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ ଆଜି ସୁଶାସନ ଦିବସ ଅବସରରେ 'ବିକଶିତ ପଞ୍ଚାୟତ କର୍ମଯୋଗୀ ଅଭିଯାନ'ର ଶୁଭାରମ୍ଭ କରିଛନ୍ତି । ତୃଣମୂଳ ସ୍ତରରେ ଶାସନ

ବ୍ୟବସ୍ଥାକୁ ସୁଦୃଢ଼ କରିବା ଏହି ଅଭିଯାନର ଲକ୍ଷ୍ୟ । ପଞ୍ଚାୟତିରାଜ ସଂସ୍ଥାଗୁଡ଼ିକରେ କ୍ଷମତା ଏବଂ ପ୍ରତିଯୋଗିତାମୂଳକ ମନୋଭାବ ବୃଦ୍ଧି କରିବା ଲକ୍ଷ୍ୟ ନେଇ ଆରମ୍ଭ କରାଯାଇଥିବା ଏହି ପଦକ୍ଷେପ ଜରିଆରେ ନିର୍ବାଚିତ ଜନ ପ୍ରତିନିଧି ଏବଂ ଅଧିକାରୀମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରାଯାଇ ସୁଶାସନ ବ୍ୟବସ୍ଥାକୁ ସୁଦୃଢ଼ କରାଯାଇପାରିବ ବୋଲି ଶ୍ରୀ ସିଂହ କହିଛନ୍ତି । ଏକ ଦୀର୍ଘସ୍ଥାୟୀ ଏବଂ ଅର୍ଥପୂର୍ଣ୍ଣ ପରିବର୍ତ୍ତନ ନିମନ୍ତେ ତୃଣମୂଳ ସ୍ତରରେ ଶାସନ ବ୍ୟବସ୍ଥାରେ ସଂସ୍କାରମୂଳକ ପଦକ୍ଷେପ ଆରମ୍ଭର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି । ଅଭିନବ କୌଶଳ ଜରିଆରେ ପଞ୍ଚାୟତିରାଜ ବ୍ୟବସ୍ଥାଗୁଡ଼ିକ ସୁଦୃଢ଼ କରିବା ଲାଗି 'ବିକଶିତ ପଞ୍ଚାୟତ କର୍ମଯୋଗୀ ଅଭିଯାନ'ର ଲକ୍ଷ୍ୟ ରହିଛି ବୋଲି ଡକ୍ଟର ସିଂହ କହିଛନ୍ତି ।

## ଶାହା - ଏଗ୍ରିକଲ୍‌ଚର କୋଅପରେଟିଭ୍

କେନ୍ଦ୍ର ସମବାୟ ମନ୍ତ୍ରୀ ଅମିତ୍ ଶାହା ଆଜି ୧୦ ହଜାରରୁ ଊର୍ଦ୍ଧ୍ୱ ନୂତନ ଭାବେ ସ୍ଥାପିତ ବହୁମୁଖୀ ପ୍ରାଥମିକ କୃଷି ସମବାୟ ସମିତି ଏବଂ ଦୁଗ୍ଧ ଓ ମତ୍ସ୍ୟ ସମବାୟ ସଂସ୍ଥାଗୁଡ଼ିକୁ ଦେଶ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି । ନୂଆଦିଲ୍ଲୀରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଶ୍ରୀ ଶାହା ସମ୍ପୃକ୍ତ ସମବାୟ ସଂସ୍ଥାଗୁଡ଼ିକୁ ପଞ୍ଜୀକରଣ ପ୍ରମାଣପତ୍ର, ରୁପେ କିଷାନ କ୍ରେଡିଟ୍ କାର୍ଡ଼ ଏବଂ ମାଇକ୍ରୋ ଏ.ଟି.ଏମ୍. ପ୍ରଦାନ କରିଛନ୍ତି । ପଞ୍ଚାୟତଗୁଡ଼ିକରେ ସମବାୟ ସଂସ୍ଥାଗୁଡ଼ିକର କାର୍ଯ୍ୟ ଏବଂ ଆର୍ଥିକ ଦେଣନେଣ ପ୍ରକ୍ରିୟାକୁ ସହଜ ଓ ସରଳ କରିବା

ଲକ୍ଷ୍ୟରେ ଏପରି ବ୍ୟବସ୍ଥା ଗ୍ରହଣ କରାଯାଇଥିବା ଶ୍ରୀ ଶାହା କହିଛନ୍ତି । କେନ୍ଦ୍ର ସରକାର ସମବାୟ ସଂସ୍ଥାଗୁଡ଼ିକୁ ପ୍ରୋତ୍ସାହନ ଯୋଗାଇଦେଇ ଗ୍ରାମୀଣ ଅର୍ଥନୀତିକୁ ନୂତନ ଦିଗ୍‌ଦର୍ଶନ ଦେବା ସହ ଆର୍ଥିକ କ୍ଷେତ୍ରରେ ସୁଦୃଢ଼ କରିପାରିଛନ୍ତି ବୋଲି ଶ୍ରୀ ଶାହା କହିଛନ୍ତି । ଆଗାମୀ ୫ ବର୍ଷ ମଧ୍ୟରେ ୨ ହଜାର ପ୍ରାଥମିକ କୃଷିଋଣ ସମିତି ଗଠନ କରାଯିବାପାଇଁ ସରକାରଙ୍କ ଲକ୍ଷ୍ୟ ରହିଛି ବୋଲି ସେ କହିଛନ୍ତି । ଏହାଫଳରେ କୃଷି ଉତ୍ପାଦଗୁଡ଼ିକ ବିଶ୍ୱବଜାରରେ ସହଜରେ ଉପଲବ୍ଧ ହୋଇପାରିବ ବୋଲି ଶ୍ରୀ ଶାହା କହିଛନ୍ତି ।

## ଶାହା - ସି.ଆର୍.ପି.ଏଫ୍.

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଆଜି ନୂଆଦିଲ୍ଲୀସ୍ଥିତ କେନ୍ଦ୍ରୀୟ ରିଜର୍ଭ ପୁଲିସ ବାହିନୀ - ସି.ଆର୍.ପି.ଏଫ୍. ମୁଖ୍ୟାଳୟଠାରେ ଏହାର କାର୍ଯ୍ୟକାରିତା ଓ ପ୍ରଶାସନିକ ଦକ୍ଷତା ନେଇ ବ୍ୟାପକ ସମୀକ୍ଷା କରିଛନ୍ତି । ଶ୍ରୀ ଶାହା କହିଛନ୍ତି, ସି.ଆର୍.ପି.ଏଫ୍. ଆଭ୍ୟନ୍ତରୀଣ ସୁରକ୍ଷା ଓ ଦେଶରେ ଶାନ୍ତି ପ୍ରତିଷ୍ଠା ଲାଗି ପ୍ରମୁଖ ଭୂମିକା ଗ୍ରହଣ କରୁଛି । ସେ ପୁଣି କହିଛନ୍ତି, ଏହି କେନ୍ଦ୍ରୀୟ ସଶସ୍ତ୍ର ଅର୍ଦ୍ଧସାମରିକ ବାହିନୀ ମାଓବାଦୀଙ୍କୁ ନିୟନ୍ତ୍ରଣ କରିବା, ଉତ୍ତର-ପୂର୍ବାଞ୍ଚଳ ରାଜ୍ୟ ଏବଂ ଜମ୍ମୁ-କାଶ୍ମୀରରେ ଶାନ୍ତି ଓ ସ୍ଥିରତା ବଜାୟ ରଖିବାରେ ପ୍ରଶଂସନୀୟ କାର୍ଯ୍ୟ କରୁଛି । ଏହି ସମୀକ୍ଷା ବୈଠକରେ ସି.ଆର୍.ପି.ଏଫ୍.ର

ମହାନିର୍ଦ୍ଦେଶକ ଅନୀଶ ଦୟାଲ ସିଂ ସହିଦ ଯବାନମାନଙ୍କ ପରିବାରବର୍ଗଙ୍କ ପାଇଁ ଥିବା ଜନକଲ୍ୟାଣକାରୀ ଯୋଜନା ଓ ଅନୁକମ୍ପାମୂଳକ ନିଯୁକ୍ତି ସମ୍ପର୍କରେ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କୁ ଅବଗତ କରାଇଛନ୍ତି ।

## କାଜାଖସ୍ତାନ - ପ୍ଲେନ୍ କ୍ରାସ୍

କାଜାଖସ୍ତାନରେ ଆଜି ଏକ ଯାତ୍ରୀବାହୀ ବିମାନ ଦୁର୍ଘଟଣାଗ୍ରସ୍ତ ହେବାରୁ ୧୨ ଜଣଙ୍କର ମୃତ୍ୟୁ ଘଟିଛି । ଆଜାରବୈଜାନ ଏୟାରଲାଇନ୍ସର J2-8243 ବିମାନ ଅକ୍ତାଉ'ର କାଜାଖ୍ ସିଟିରେ ଜରୁରୀକାଳୀନ ଅବତରଣ କରୁଥିବାବେଳେ ସେଥିରେ ନିଆଁ ଲାଗି ଯାଇଥିଲା । ଆଜାରବୈଜାନର ବାକୁ'ଠାରୁ ରୁଷ୍‌ର ଗ୍ରୋଜ୍‌ନୀ ଅଭିମୁଖେ ଯାତ୍ରା କରୁଥିବା ଏହି ବିମାନ ଘନକୁହୁଡ଼ି ଯୋଗୁଁ ଦିଗ ପରିବର୍ତ୍ତନ କରିଥିଲା ବୋଲି ବି.ବି.ସି. ପକ୍ଷରୁ କୁହାଯାଇଛି । ରୁଷୀୟ ଗଣମାଧ୍ୟମ ସୂଚନା ଅନୁଯାୟୀ ବିମାନଟି ପକ୍ଷୀଦଳ ସହ ଧକ୍କା ହେବାରୁ ତାହା ଦୁର୍ଘଟଣାଗ୍ରସ୍ତ ହୋଇଥିଲା । କେତେକ ସୂତ୍ରରୁ ଜଣାପଡ଼ିଛି, ୫ ଜଣ ବିମାନ କର୍ମଚାରୀ ଓ ୬୨ ଜଣ ଯାତ୍ରୀ ସେଥିରେ ଯାତ୍ରା କରୁଥିଲେ । ଅନ୍ୟ ଏକ ସୂତ୍ରରୁ ଜଣାପଡ଼ିଛି ସେହି ବିମାନରେ ୭୨ ଜଣ ଥିଲେ । ଶେଷ ସମ୍ବାଦ ସୁଦ୍ଧା ପ୍ରାୟ ୩୨ ଜଣ ଯାତ୍ରୀ ଉଦ୍ଧାର ହୋଇଥିବା ଜଣାପଡ଼ିଛି । ଏହି ବିମାନରେ ମୁଖ୍ୟତଃ ଆଜାରବୈଜାନର ନାଗରିକ

ଥିବାବେଳେ ରୁଷ୍, କାଜାଖସ୍ତାନ ଓ କିରଗୀଜ୍ସ୍ତାନର ଯାତ୍ରୀ ଥିଲେ । ଦୁର୍ଘଟଣା ପରେ ଆଜାରବୈଜାନ ଓ କାଜାଖସ୍ତାନ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି ।

*****